# ଶୈଳଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ।

ଅନୁଗୋଳ:-୨୪.୬ :- ସାମ୍ପ୍ରତିକ ପରିସ୍ଥିତିରେ କରୋନା ନିୟମ ଅନୁପାଳନକୁ ଦୃଷ୍ଟିରେ ରଖି ଆଜି ଅନୁଗୋଳ ଶୈଳଶ୍ରୀକ୍ଷେତ୍ରରେ ଶ୍ରୀ ଜୀଉମାନଂକର ସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଜିଲ୍ଲାପାଳ ତଥା ମନ୍ଦିର ପରିଚାଳନା କମିଟିର ସଭାପତି ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପୂର୍ବାହ୍ନ ୧୧.୧୫ ମିନିଟ୍ ସମୟରେ ଛେରାପହଁରା କାର୍ଯ୍ୟ କରିଥିବା ବେଳେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଜଗମୋହନ ମୀନା ପୁଷ୍ପ ସିଞ୍ଚନ କରିଥିଲେ । ବିଦ୍ୟାପତି ଶ୍ରୀ ଗଗନ ବିହାରୀ ନନ୍ଦ ଚନ୍ଦନ ପାଣି ସିଞ୍ଚନ କରିଥିଲେ । ଶ୍ରୀ ଜୀଉମାନଂକ ପାଇଁ ସକାଳ ୧୦.୩୦ ମିନିଟ୍‌ରେ ୧୦୮ ଗରା ଜଳରେ ସ୍ନାନ କରାଯାଇଥିଲା । ଜଗନ୍ନାଥଂକ ପାଇଁ ୩୫,ବଳଭଦ୍ରଂକ ପାଇଁ ୩୩, ଶୁଭଦ୍ରାଂକ ପାଇଁ ୩୨ ଓ ସୁଦର୍ଶନଂକ ପାଇଁ ୮ ଗରା ଜଳରେ ସ୍ନାନ କରାଯାଇଥିଲା । ମନ୍ଦିର ପରିଚାଳନା କମିଟୀ ତରଫରୁ ସ୍ନାନ ପୂର୍ଣ୍ଣିମା ନୀତି ନିର୍ଘଣ୍ଟ କରାଯାଇ ଶ୍ରୀଜିଉ ମାନଂକର ଗତକାଲି ବଡସିଂହାର ଧୁପ ପରେ ପୂଜକମାନଂକ ଦ୍ୱାରା ଆଖଣ୍ଡଳମଣି ମହାରୁଦ୍ରଂକ ମନ୍ଦିର କୂପରୁ ଜଳ ଅଣାଯାଇଥିଲା । ରାତ୍ର ୩.୩୦ ମିନିଟ୍ ରୁ ଶ୍ରୀ ଜୀଉମାନଂକର ପହୁଡ ଫିଟା, ଅଖଣ୍ଡ ପ୍ରଜ୍ଜଳନ, ଶ୍ରୀଦେବୀ ଭୁଦେବୀ ଓ ମାଧବଂକର ଖଟ ସେଜକୁ ବିଜେ ଓ ଶ୍ରୀଜିଉମାନେ ରତ୍ନ ସିଂହାସନରୁ ଅବତରଣ ନିମନ୍ତେ ପାବଛ ପ୍ରସ୍ତୁତି ତଥା ସେନା ପଟା ଲାଗି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା । ପ୍ରାତଃ ୭.୩୦ ମିନିଟ୍‌ରେ ମଙ୍ଗଳାର୍ପଣ,୮ ଘଟିକାରୁ ୯ ଘଟିକା ମଧ୍ୟରେ ଶ୍ରୀ ଜୀଉମାନଂକର ସ୍ନାନ ମଣ୍ଡପକୁ ବିଜେ, ମଙ୍ଗଳ ଆରତୀ, ମଇଲମ ଓ ତଡକଉଉରୀ ଲାଗି, ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ସ୍ନାନ ମଣ୍ଡପରେ ଟେରା ପକାଇବା ଓ ଷୋଡଶୋପଚାର ପୂଜାରେ ସ୍ନାନ ଓ ରକ୍ତ ବସ୍ତ୍ର ଲାଗି ବେଶ ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନ ପହୁଡ ଅପରାହ୍ନ ୧ ଘଟିକାରୁ ସନ୍ଧ୍ୟା ୫ ଘଟିକା ମଧ୍ୟରେ ସମ୍ପର୍ଣ୍ଣ ହୋଇଛି । ଛେରାପହରା ନୀତି ପରେ ସ୍ନାନ ମଣ୍ଡପ ଧୋପଖାଳ ହୋଇ ଗଜାନନ ବେଶଲାଗି ହୋଇଥିଲା । ଏହି ଗଜାନନ ବେଶ ପୂର୍ବାହ୍ନ ୧୧.୪୫ ମିନିଟ୍‌ରୁ ଅପରାହ୍ନ ୫ ଘଟିକା ୩୦ ମିନିଟ୍‌ରେ ସମ୍ପର୍ଣ୍ଣ ହେବା ପରେ ଶ୍ରୀ ଜିଉମାନେ ପହଣ୍ଡି ହୋଇ ଅଣସର ଘରେ ୧୪ ଦିନ ରହିବେ । ଶ୍ରୀ ଜିଉମାନଂକର ସ୍ନାନ ପୂର୍ଣ୍ଣିମାର ସୁପରିଚାଳନା ନିମନ୍ତେ ଆବଶ୍ୟକ ସେବାୟତ ନିୟୋଜିତ ହୋଇଥିବା ବେଳେ ମନ୍ଦିର ପରିଚାଳନା କମିଟିର ସମ୍ପାଦକ ଶ୍ରୀ ହେମନ୍ତ କୁମାର ଦାସ, ଉପସଭାପତି ଶ୍ରୀ ଭବାନୀ ପ୍ରସାଦ ମିଶ୍ର ସମସ୍ତ ପ୍ରକାର ରିତିକାନ୍ତିକୁ ତଦାରଖ କରିଥିଲେ । ଶ୍ରୀ ଆନନ୍ଦ ଚନ୍ଦ୍ର ମହାପାତ୍ର, ଶ୍ରୀ ମନୋଜ କୁମାର କର, ଶ୍ରୀ ସୂର୍ଯ୍ୟ ନାରାୟଣ କର, ଶ୍ରୀ ପରମାନନ୍ଦ ମିଶ୍ର,ଶ୍ରୀ ଅଟଳ ବିହାରୀ ଦେବତା,ଶ୍ରୀ ପ୍ରଶାନ୍ତ ସାହୁ, ଶ୍ରୀ ବିନୋଦ କୁମାର କର, ଶ୍ରୀ ଅଶ୍ୱିନି କୁମାର ମିଶ୍ର, ଶ୍ରୀ ରାଜିବ ଲୋଚନ ଦ୍ୱିବେଦୀ ପ୍ରମୁଖ ଶ୍ରୀଜିଉମାନଂକର ବିଭିନ୍ନ ରିତିକାନ୍ତି କାର୍ଯ୍ୟରେ ସହଯୋଗ କରିଥିଲେ । ସମସ୍ତ ସେବାୟତଂକର ଥର୍ମାଲ ସ୍କାନିଂ କରାଯିବା ସହ ମାସ୍କ ବ୍ୟବହାର କରାଯାଇ ସାମାଜିକ ଦୂରତା ଅବଲମ୍ବନ ପୂର୍ବକ ସମସ୍ତ ରିତିକାନ୍ତି କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା ।

